# ପ୍ରଗଲ୍‌ଭା ଏକନଦୀ

ଜୀବନଟା ବେଳେବେଳେ ଦୁର୍ବିସହ ହୋଇପଡ଼େ, ବେଳେବେଳେ ମନ ସାଗରର ନୀଳ ରଂଗିମାମୟ ଜଳ ମଥାନରୁ ବାଡ଼ବାଗ୍ନିର ଉଦ୍‌ଗୀରଣ ଦେଖାଦିଏ, ସେତେବେଳେ ମନର କପୋତୀଟା ବାରମ୍ବାର ବିଳପି ଉଠେ ଆଉ ମଣିଷ ସେଇ ବିଳାପର ମୂର୍ଚ୍ଛନା ଭିତରେ ନିଜକୁ ହଜାଇ ଦିଏ। ତାକୁ ଖୋଜିବାର ଉପକ୍ରମଣିକା ସାରା ସଂସାର କରିବସେ, ହଜିବା ମଣିଷଟାର ଠିକଣା କେବଳ ସମୟ ସିନା ଟିପି ରଖେ ହେଲେ ମଣିଷର ଭେଦବଳ ମନରୁ ତାହା ଚିରଦିନ ଲାଗି ଲିଭିଯାଏ।

ଅପର୍ଣ୍ଣା ଉଚ୍ଚ ଶିକ୍ଷିତା ଏପରି ଗୋଟାଏ ଚରିତ୍ର ଯିଏ ଜୀବନର ସ୍ୱାଦ ଚାଖିବାର ପ୍ରୟାସ କରିବା ପୂର୍ବରୁ ଆକାଶକୁସୁମ ପରି ତାଙ୍କର ସେହି ସ୍ୱପ୍ନର ବାଲିଘରଟା ହଠାତ୍ ଯେପରି ଚୁରମାର ହୋଇଯାଏ। ଆଉ ପ୍ରଗଲ୍‌ଭା ଅପର୍ଣ୍ଣା ଆଜି ଜନମାନବ ଶୂନ୍ୟ ମରୁଭୂମିରେ ଗୋଟାଏ ମରୁଦ୍ୟାନ ସନ୍ଧାନରେ ଅଛନ୍ତି। ମାତ୍ର ସମସ୍ତ ମରୁଭୂମିରେ ମରୁଦ୍ୟାନର ବର୍ତ୍ତମାନତା ଯେ ଗୋଟାଏ ପ୍ରଶ୍ନବାଚୀ। ଆଉ ଯେଉଁ ଜନମାନବ ଶୂନ୍ୟ ମରୁଭୂମିରେ ମରୁଦ୍ୟାନ ଥାଏ ବି, ସେଠାରେ ବାଲୁକାର ଅତଳ ଗର୍ଭରେ ଥିବା ଜଳରାଶି ତୃଷାର୍ତ୍ତର ତୃଷା ମେଣ୍ଟାଇବାରେ ସକ୍ଷମ ହୋଇପାରେ କେତେକେ ?

ଅପର୍ଣ୍ଣା ଯେତେବେଳେ ମୃଣାଳଙ୍କୁ ବିବାହ କରିବାର ସିଦ୍ଧାନ୍ତ ହେଲା, ମୃଣାଳ ପେଷାରେ ଜଣେ ଡାକ୍ତର ହୋଇଥିଲେ ବି, ଘର ସଂସାର ବସାଇବାକୁ ସ୍ୱତଃ ଭୟାତୁର ମାନସରେ ସର୍ବଦା ଉଦ୍‌ବିଗ୍ନ ରହୁଥିଲେ। ସେ ଚିନ୍ତାକୁଳ ଥିଲେ ହୁଏତ ତାଙ୍କର ଜୀବନସାଥୀ ତାଙ୍କ ସହିତ ସମତାଳରେ ଗତି କରିପାରିବ କି ନାହିଁ ? ମାତ୍ର ଅପର୍ଣ୍ଣାକୁ ପାଇବା ପରେ ମୃଣାଳ ବାସ୍ତବତାକୁ ବିଶ୍ୱାସ କରିପାରୁ ନଥିଲେ। ସେ ଅପର୍ଣ୍ଣାକୁ କହି ବସିଲେ ଦେଖ ! ମୁଁ ପେଷାରେ ଜଣେ ଡାକ୍ତର ସତ ହେଲେ ଦେହର ସମସ୍ତ ରୋଗର ନିରାକରଣ ପାଇଁ ମୋର ପ୍ରଚେଷ୍ଟା ଫଳବତୀ ହେବ। ମାତ୍ର ମନରେ ହେଉଥିବା କ୍ଷତର ଉପଚାର ପାଇଁ ଔଷଧ ମୋର ସାମର୍ଥ୍ୟର ବାହାରେ। ତୁମେ ଯେପରି ମୋପରି ଗୋଟାଏ ଅନାମଧେୟ ମଣିଷକୁ ରାଜରାସ୍ତାରୁ ସାଉଁଟି ନେଇ ସାବଲୀଳ ଢଙ୍ଗରେ ତୁମ ଜୀବନ କପ୍‌ବୋର୍ଡରେ ସଜାଇ ଦେବ।

ଅପର୍ଣ୍ଣା ! ଜୀବନର ମାନେ ନୁହେଁ ଦୁଇଟି ଚରିତ୍ର ପରସ୍ପର କେବଳ ଶରୀର ମିଳନର ଆକର୍ଷଣକୁ ନେଇ ବଞ୍ଚିବା । ଆଉ ମଧ ଏହା ସୁସ୍ପଷ୍ଟ ଯେ ଜୀବନଟା ଗୋଟାଏ ପିଚ୍ଛିଳ ରାସ୍ତା ଯାହା ସରୁ ସରୁ ବାଲୁକା ପୂର୍ଣ୍ଣ ଗୋଟାଏ ରାଜପଥ, ପ୍ରତ୍ୟେକ ମୋଡ଼ରେ ଗୋଡ଼ ଖସିଯିବାର ସମ୍ଭାବନା ବି ରହିପାରେ । ଯେପରି ଗୋଟାଏ ଉଦ୍‌ଭ୍ରାନ୍ତ ପ୍ରଗଲ୍‌ଭା ନଦୀର କୂଳକୁ ସାମାନ୍ୟ ଡଙ୍ଗାଟିଏ ବି ଲଘିଂପାରେ, ସେପରି ଧୈର୍ଯ୍ୟ ହିଁ ମାନସିକ ସ୍ତରରେ ଉଭୟଙ୍କୁ ସଠିକ୍ ସ୍ଥାନରେ ପହଞ୍ଚାଇବାକୁ ଚେଷ୍ଟା କରିବ । ଏଥିରେ ସଫଳତା ହିଁ ମିଳିଥାଏ ।

ଅପର୍ଣ୍ଣା ! ପଦ୍ମ ଜଳରେ ପରିପୃଷ୍ଟ । ବଞ୍ଚିବାର ପାଥେୟ ଜଳ ହିଁ ଜଳ । ତୁମେ କୌଣସି ସମୟରେ ଜଳର ଅବର୍ତ୍ତମାନରେ ପଦ୍ମର କଳ୍ପନା କରିପାରକି ? ମାତ୍ର ଜଳ ବିଶେଷ ହେଲେ ପଦ୍ମ ମଧ ବିଳୟ ଘଟିଥାଏ । ଯେ କୌଣସି ପରିସ୍ଥିତିରେ ଆତିଶୟତା ମନୁଷ୍ୟ ଜୀବନକୁ ଗୋଟାଏ ସ୍ଥାଣୁ, ଅଥର୍ବ ଜୀବରେ ପରିଣତ କରି ପକାଏ । ମନୁଷ୍ୟ ଈଶ୍ୱରଙ୍କ ସୃଷ୍ଟିର ସବୁଠାରୁ ସମୁନ୍ନତ ପ୍ରାଣୀ । ତାର ବିଚାରବୋଧ ତାକୁ ଏପରି କରି ରଖିଛି । ସେ ଚାହିଁଲେ ସମସ୍ତଙ୍କୁ ଦାସତ୍ୱ ଶୃଙ୍ଖଳରେ ବାନ୍ଧି ରଖିପାରେ । ହେଲେ ତାର ଗତିପଥର ପ୍ରତିରୋଧ ପାଇଁ ଈଶ୍ୱର ଅନ୍ୟ ଏକ ଶୃଙ୍ଖଳ ରଖିଛନ୍ତି ଯାହା 'ଦଇବ ଦଉଡ଼ି ମଣିଷ ଗାଈ' ନ୍ୟାୟରେ ତାକୁ ଶୃଙ୍ଖଳିତ କରି ରଖିଛି ।

ଏତେ ଉପକ୍ରମଣିକା ପାଇଁ ଅପର୍ଣ୍ଣା ଧନ୍ୟବାଦ ଦେଇ କହିଲେ, ଦେଖ ମୃଣାଳ ! ଆମେ ନଦୀକୂଳରେ ପହଞ୍ଚି ଜଳର ଗଭୀରତାର ଧାରଣା ନଥିବା ଦୁଇଟି ଚରିତ୍ର ବର୍ତ୍ତମାନଙ୍କୁ ଅପେକ୍ଷା ନକରି ଉଦ୍‌ବିଗ୍ନ ହେବା ଠିକ୍ ହେବ ନାହିଁ । ଆସ ଆମେ ଦୀର୍ଘତର ଜୀବନର ପରିକଳ୍ପନା କରି ବସିବା ଆମ ପ୍ରଗଳ୍ଭତାର ସୀମା ସରହଦ ଡ଼େଇଁ । ଆମେ ଏହି ବାସ୍ତବମୟ ନିରୁତା ପୃଥିବୀରେ ଦୁଇଟି ଜୀବନର ଅୟମାରମ୍ଭ କରିବା । ଗୋଟିଏ ସ୍ତବକ ଯଦି ବୃନ୍ତଚ୍ୟୁତ ହୁଏ, ତେବେ ତାହା କେବେ ବି ବୃନ୍ତରେ ପୁନଃ ସ୍ଥାନିତ ହୋଇପାରେ କି ?

ଅପର୍ଣ୍ଣା ଆଧୁନିକ ରୁଚି ସଂପୂର୍ଣ୍ଣ ଜଣେ ନାରୀ ଯିଏ ପୁରାତନ ପିଢିର ସମସ୍ତ ସ୍ୱାଦକୁ ଆପଣେଇବାର ପ୍ରଚେଷ୍ଟାରେ ରତ । ବଉଳ ଗଛର ଘନ ପତ୍ର ଗହଳରୁ ଦୁଇଟି କପୋତ କପୋତୀର ସାମୟିକ ଆହ୍ୱାନ ଆସି କାନରେ ପଡ଼େ । କିଏ କହେ ଯେ ସେମାନେ ବାହୁନି ବାହୁନି କାନ୍ଦନ୍ତି ବୋଲି ? ନା କପୋତ ତାର ପୌରୁଷତ୍ୱ ଜାହିର କରିବାର ଆସ୍ଫାଳନ ହିଁ କରିବସେ ଯେତେବେଳେ କପୋତୀ ତାର ଅଝଟ ମନର

ଭାଷା ବୁଝାଇବାରେ ମଗ୍ନ ରହେ ? ଅପର୍ଣ୍ଣା ମୃଣାଳଙ୍କ ବାହୁବଳୟରେ ଚିରଦିନ ଲାଗି ବାନ୍ଧି ହୋଇ ରହିଗଲେ ବିବାହ ବନ୍ଧନ ପରି ଏକ ସାମାଜିକ ବନ୍ଧନ ମାଧ୍ୟମରେ ।

ଅନନ୍ତ ଆକାଶର ଶୁଭ୍ର ବଳୟ ଦେହରେ ବଳାହକର ବର୍ତ୍ତମାନଟା ବିରହୀ ଯକ୍ଷର ହୃଦୟ ବିଦ୍ଧ କରିବା ପରି ମୃଣାଳ ଦିନେ ହେଲେ ଅପର୍ଣ୍ଣାଙ୍କର ଅବର୍ତ୍ତମାନତା ବିଷୟରେ ଚିନ୍ତା ବି କରିନଥିଲେ । ପ୍ରେମ ଜାଗତିକ ଉପଚାରର ଏକ ଅବର୍ଣ୍ଣନୀୟ ଅନୁଭୂତି । ଡଃ ମୃଣାଳ ଦିନେ ଅପର୍ଣ୍ଣାଙ୍କଠାରୁ ସ୍ୱୀୟ ଦୃଷ୍ଟି ଫେରାଇ ନେଇ ଯେ କେବେ ଆଉ ଜଣକୁ ଭଲ ପାଇ ବସିବେ ତାହା ଭୟଙ୍କର ଭାବନାର ବାହାରେ ଥିଲା । ସେ ଯାହାହେଉ ମୃଣାଳ ଦିନେ କିଶୋରୀ ମହେଶ୍ୱତାଙ୍କୁ ଭଲ ପାଇ ବସିଲେ । ଡଃ ମହେଶ୍ୱତାଙ୍କର ମନର ଆବେଗକୁ ବୁଝିବାକୁ ଚେଷ୍ଟିତ ହେଲେ ମୃଣାଳ । ଅପର୍ଣ୍ଣା ଦିନେ ବି ଆଶଙ୍କା କରି ନଥିଲେ ଯେ ତାଙ୍କର ମନର ମଣିଷ ଅନ୍ୟ ଜଣକୁ ଭଲ ପାଇ ବସିବ । ମୃଣାଳଙ୍କ ବ୍ୟବହାରର ସାମାନ୍ୟ ପରିବର୍ତ୍ତନ ଅପର୍ଣ୍ଣାଙ୍କ ମନରେ ଗଭୀର ରେଖାପାତ କରି ବସିଲା । ସେ ଭାବିଲେ ବୋଧହୁଏ ତାଙ୍କର କେଉଁଠାରେ କିଛି ତୃଟି ରହି ଯାଇଥିବ, ଯାହା ମୃଣାଳଙ୍କ ମନରେ ସାମୟିକ ଦୁଃଖ ଦେଇ ପାରିଛି ।

ପଥପ୍ରାନ୍ତର କୃଷ୍ଣଚୂଡ଼ାରେ ଫୁଲଫୁଟି ସବୁଜ ଲୋହିତ ରଂଗ ବିଚ୍ଛୁରଣ କରି ଚାଲିଲାଣି । ଅପର୍ଣ୍ଣାଙ୍କ ହାତର ଛୋଟ ଛୋଟ କ୍ରୋଟନ ପୁରା ଝାମ୍ପୁଲା ହୋଇ ପତ୍ରମାଳାରେ ନଇଁ ପଡ଼ିଲେଣି । ଗେଲବସରିଆ ନଈଟାରେ ପାଣିର ଧାର ପୂର୍ବପରି ବହି ଚାଲୁଛି । ସବୁଦିନ ପରି ସୂରୁଜ ଦେବତା ପୂର୍ବାଶାକୁ ରଙ୍ଗାୟିତ କରି, ଦିନର ଆଲୋକ ଅସମ୍ଭାବିତ ଭାବରେ ଦେଇ ଦେଇ ସଂଧ୍ୟାରେ ପ୍ରତୀଚୀକୁ ସିନ୍ଦୁର ରଂଗରେ ସଜାଇ ଅସ୍ତମିତ ହୋଇ ଯାଉଛନ୍ତି । ବଣି ଚଢେଇ ଦୁଇଟା ପ୍ରତିଦିନ ପରି ଚିପିରି ଚିପିରି ବୋବାଇ ଯେପରି ବିଚ୍ଛିନ୍ନ ନହେବାର ସପଥ ନେଇ ସାରା ମଣିଷ ସମାଜଟାକୁ ଚେତାଇ ଦେଉଛନ୍ତି । ହେଲେ ଅପର୍ଣ୍ଣା ତାଙ୍କ ନିଜର ମନର ମଣିଷଠାରୁ ଦୂରେଇ ଯିବାର କାରଣ ଅନ୍ୱେଷଣରେ ବ୍ୟସ୍ତ ହୋଇ ଉଠନ୍ତି ।

ମୃଣାଳଙ୍କ ଚଳଣିର ପରିବର୍ତ୍ତନ ପାଇଁ ସେ ନିଜକୁ ଦାୟୀ କରିବା ସହିତ କହିଲେ ମୃଣାଳ ତୁମକୁ ପ୍ରଥମ ଦେଖାରେ ଯେଉଁ ଭଲ ପାଇବାର ବୀଣାର ଝଂକାର ମୋ ମନରେ ସୃଷ୍ଟି ହୋଇଥିଲା ତାହା ଆଜି ବି ଉଦ୍‌ଜୀବିତ ଅଛି । ସୃଜନୀର ପ୍ରତିଟି ବିଭାବକୁ ନେଇ ଦିବ୍ୟ ସ୍ରଷ୍ଟା ନାରୀକୁ ସୃଷ୍ଟିର ଏକ ବିଚିତ୍ରବର୍ଣ୍ଣା ରୂପରେ ସୃଷ୍ଟି କରିଛନ୍ତି । ତା' ଠାରେ ସ୍ନେହର ମନ୍ଦାକିନୀଠାରୁ ପ୍ରେମର ଫଲ୍‌ଗୁ ଯାଏ, ଆଉ ତ୍ୟାଗର ମନସ୍ୱିନୀ ଏକ

ମୂର୍ତ୍ତିଠାରୁ ସୁନ୍ଦରତାରେ ବିପୁଳବକ୍ଷା ନୀଳନୟନା ପାରାବାର ଯାଏ ଯେପରି ଭରପୁର ଅଛି। ତୁମର ଅନ୍ୟଜଣଙ୍କୁ ଭଲପାଇବାର ମାନେ ନହୋଇ ପାରେ ଯେ ତୁମେ ଅପର୍ଣ୍ଣାଠାରୁ ଦୂରେଇ ଯିବା ଅପରିହାର୍ଯ୍ୟ। ମୁଁ ତ କେବେ ତୁମକୁ ପ୍ରଶ୍ନିଳ ଆଖିରେ ଦେଖିବାର ସାମାନ୍ୟତମ ଅବକାଶ ମଧ୍ୟ ଦେଇ ନାହିଁ। ତୁମର ଅନନ୍ତ ସ୍ନେହରୁ ଗୋଟାଏ ବିନ୍ଦୁ ଯଦି ମୋ ପାଇଁ ଉତ୍ସର୍ଗକର ତାହା ମୋ ପାଇଁ ସ୍ୱର୍ଗ ହୋଇଯିବ। ମାର୍କଟ୍ୱେନଙ୍କ ଭାଷାରେ ଚନ୍ଦ୍ର ସଦୃଶ ମଣିଷର ଦୁଇଟି ପାର୍ଶ୍ୱ ରହିଛି। ସେଥିରୁ ଯେଉଁ ପାର୍ଶ୍ୱଟି ଅନନ୍ତ ଅନ୍ଧକାର ଦ୍ୱାରା ଆଚ୍ଛନ୍ନ ତାହାକୁ କେହି ଦେଖିପାରନ୍ତି ନାହିଁ। ଦେଖିବାର ପରିକଳ୍ପନା କଲେ ଜଣେ ବାସ୍ତବତା ଠାରୁ ଦୂରେଇ ଯିବାକୁ ହେବ। ତେଣୁ ମୁଁ ତୁମର ଚିର ରଙ୍ଗାୟିତ ଦେଦୀପ୍ୟମାନ ଉଜ୍ଜ୍ୱଳିତ ପାର୍ଶ୍ୱକୁ ଦେଖିବାକୁ ଚାହେଁ। ତେଣୁ ତୁମେ ତୁମ ଜୀବନର ଅନ୍ଧକାର ପାର୍ଶ୍ୱକୁ ନେଇ ଉଦ୍‌ବିଗ୍ନ ରହିବା ନିରର୍ଥକ।

ମୃଣାଳ ! ପତଙ୍ଗ ଅଗ୍ନିର ଭୟାବହ ଉତ୍ତାପ ବିଷୟ ଭୁଲି, ଅଗ୍ନିର ଆଲୋକର ମୋହରେ ଆକର୍ଷିତ ହୁଏ ଏବଂ ସେଥିରେ ଝାସ ଦେଇ ପରେ ପରେ ନିଃଶେଷ ହୋଇଯାଏ। ବିବାହ ବେଦୀରୁ ଆର୍ଯ୍ୟନାରୀ ଅଗ୍ନିକୁ ସାକ୍ଷୀରଖି ଇହକାଳ ଓ ପରକାଳ ପାଇଁ ଜଣେ ପୁରୁଷକୁ ଏକାନ୍ତ ନିଜର କରି କାଳକ୍ଷେପଣରେ ଭାଗୀଦାର ହୋଇଯାଏ। ନାରୀ ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ଏକ ପ୍ରେମମୟୀ ଓ ସ୍ନେହମୟୀ ସ୍ୱରୂପ। ଏପରି ଏକ ବନ୍ଧନର ପୂର୍ଣ୍ଣଚ୍ଛେଦ ପକାଇବା ପୂର୍ବରୁ ଅନେକ ମଧ୍ୟ ଜୀବନର ସତ୍ତା ଭୁଲି ଯାଆନ୍ତି। ରାସ୍ତାରେ ଗଡୁଥିବା ଶହ ଶହ ଅଶ୍ମୀଭୂତ ଶୀଳା ବୋଧହୁଏ ଦେବତାର ପଦବାଚ୍ୟ ହୋଇ ପାରନ୍ତି ନାହିଁ। ତେଣୁ ତୁମେ ଅନ୍ତତଃ ତୁମ ପ୍ରେମିକାକୁ ଛାଡ଼ିବାର ପ୍ରଯତ୍ନ ନ ଥିଲେ ବି ତାଙ୍କୁ ଚେତାଇ ଦେଇପାରେ।

ଅନ୍ୟପକ୍ଷରେ ଅପର୍ଣ୍ଣା ଏତେ ଦୁର୍ବଳା ନୁହେଁ ଯେ ପୌରୁଷର ସାମାନ୍ୟ ଆହ୍ୱାନରେ ଧରାଶାୟିତ ହୋଇଯିବ। ତୁମେ ତୁମ ଦୁର୍ବଳ ମନର ମୁହୂର୍ତ୍ତମାନଙ୍କୁ ଏକାନ୍ତରେ କିମ୍ବା ତୁମ ପ୍ରେମିକାର ସାନ୍ନିଧ୍ୟରେ ବିତୀତ କରିପାର। ହେଲେ ଅପର୍ଣ୍ଣା କଣ ଆଶା କରିପାରେ ଯେ ତୁମ ମୂଲ୍ୟବାନ ସମୟର ସାମାନ୍ୟତମ ଅଂଶ ହୁଏତ ତୁମେ ମୋ ପାଇଁ ଉତ୍ସର୍ଗ କରିପାରିବ, ତାହା ହୁଏତ ମୋର ସାନ୍ନିଧରେ ହୋଇପାରେ ଅଥବା ତୁମର ଏକାନ୍ତ ନିସଂଗତାରେ ବିତୀତ ହୋଇପାରେ। ସୁଦୀର୍ଘ ବନାନୀର ଅନ୍ତରେ ଯେଉଁ କ୍ଷୁଦ୍ର ତଙ୍ଗର ଆସେ ତାହାର ବର୍ତ୍ତମାନତା କେତେ ଯେ ଆନନ୍ଦଦାୟକ, କାରଣ ପ୍ରତୀକ୍ଷାର ଅନ୍ତରେ ଆନନ୍ଦର ଲହରୀ ଛୁଟିବାର ଅନ୍ତତଃ ପରିକଳ୍ପନା କଲେ ଦୁଃଖରୁ ତ୍ରାହୀ ମିଳିପାରେ।

ଏହାପରେ ଅନେକ ବିନିଦ୍ର ରଜନୀ ବିତାଇଛନ୍ତି ଅପର୍ଣ୍ଣା ହୁଏତ ମୃଣାଳଙ୍କର ଆଗମନର ପ୍ରତୀକ୍ଷାରେ। ରାତ୍ରି ଦୀର୍ଘରୁ ଦୀର୍ଘତର ହୋଇଛି। ପର୍ବାକାଶ ଅରୁଣରୁ ଅରୁଣତର ହୋଇଛି। ମାତ୍ର ମୃଣାଳରେ ଦେଖା ମିଳି ନାହିଁ। କେଉଁ ଅନାଗତ ପ୍ରତୀକ୍ଷାରେ ଅପର୍ଣ୍ଣାଙ୍କର ମନର କପୋତୀ ବିଳପି ଉଠିଛି। ସେ ଭୁଲି ଯାଆନ୍ତି ଯେ ସେ ଜଣେ ଉଚ୍ଚଶିକ୍ଷିତା ମହିଳା। ସମାଜରେ ପ୍ରତିଷ୍ଠା ଅଛି, ସ୍ୱାମୀ ଜଣେ ଡାକ୍ତର। ସେ ଭୁଲି ଯାଆନ୍ତି ଯେ ସେ ବି ନିଜ ଗୋଡ଼ରେ ଠିଆ ହୋଇ ସମାଜକୁ ଦେଖାଇ ଦେଇ ପାରିବେ ଯେ ସେ ପୌରୁଷର ଉଦ୍ଦାମ ଆହ୍ୱାନ ଆଗରେ ମୁଣ୍ଡ ନୁହାଁଇବାକୁ ଚାହାଁନ୍ତି ନାହିଁ।

ସଂଦିଗ୍ଧ ଲୋକାଚାରକୁ ପଛରେ ପକାଇ ଦେଇ ଅପର୍ଣ୍ଣା ହୁଏତ ମୃଣାଳଙ୍କୁ ଛାଡ଼ି ଚାଲିଯିବାର ସିଦ୍ଧାନ୍ତ ନେଲେ। ସାଗରର ନୀଳିମା ଓ ଜଳର ସଂପର୍କ ଯେପରି ଗଭୀର ଓ ବ୍ୟାପ୍ତ ଅପର୍ଣ୍ଣା ସେପରି ଭଲ ପାଉଥିବା ମନର ମଣିଷଟାକୁ ଛାଡ଼ିବାର ପ୍ରୟାସ କେବଳ ମାନସିକ ଦୃଢ଼ତା ଛଡ଼ା ଅନ୍ୟ କିଛି ହୋଇନପାରେ।

ମୃଣାଳ ହୁଏତ ତାଙ୍କର ପ୍ରେମିକାକୁ ନେଇ ଅନେକ ସୂର୍ଯ୍ୟର ପରିକଳ୍ପନା କରିପାରିବେ। ହେଲେ ଅପର୍ଣ୍ଣା ଏକ ଅସ୍ତମିତ ସୂର୍ଯ୍ୟର ରକ୍ତାଭ ବର୍ଣ୍ଣବିଭାକୁ ଆଦରି ନେଇଗଲେ।

ଆସନ୍ତୁ ଆମେ ସମସ୍ତେ ସେଇ ଦିନର ପ୍ରତୀକ୍ଷା କରିବା ଯେବେ ଦୁଇଟି ନୀଡ଼ହରା ପକ୍ଷୀ ପୁଣି ନୂତନ ନୀଡ଼ ବସାଇ ସ୍ୱର୍ଗସୁଖ ଅନୁଭବ କରିପାରିବେ।

***